## ଶ୍ରମିକ ବିରୋଧୀ ଆଇନ ପ୍ରତିବାଦରେ ବିକ୍ଷୋଭ

# ଘରୋଇ ବସ୍ କର୍ମଚାରୀଙ୍କୁ କ୍ଷତିପୂରଣ ଦାବି

କଟକ,୨୨।୫/ଏନ୍ଏନ୍ଏସ୍: କେନ୍ଦ୍ର ସରକାର ଓ ବିଜେପି ଶାସିତ ରାଜ୍ୟମାନଙ୍କରେ ସମସ୍ତ ଶ୍ରମ ଆଇନକୁ ଅଚଳ କରାଯାଇ ଶ୍ରମିକମାନଙ୍କୁ ୮ଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟା କାମ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ସ୍ଥାନୀୟ ଲିଙ୍କରୋଡ୍ ଏବଂ କଟକ ମୋଟର କର୍ମଚାରୀ ୟୁନିୟନ୍ ବାଦାମବାଡ଼ି ମୁଖ୍ୟ ରାସ୍ତାଠାରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଶତାଧିକ ବସ୍ ଡ୍ରାଇଭର, କଣ୍ଡକ୍ଟର୍ ଓ ହେଲ୍ପର ଶାନ୍ତିପୂର୍ଣ୍ଣ ଭାବେ ରାସ୍ତାକଡ଼ରେ ଧାଡ଼ି କରି ପ୍ରତିବାଦ ଆନ୍ଦୋଳନରେ ସାମିଲ ହୋଇଥିଲେ। କୃଷି କ୍ଷେତ୍ର ପରେ ସବୁଠାରୁ ଅଧିକ ଲୋକଙ୍କୁ ରୋଜଗାର ଯୋଗାଇଥିବା ପରିବହନ କ୍ଷେତ୍ର ଗତ ମାର୍ଚ୍ଚ ୨୨ତାରିଖରୁ ଆଜି ପର୍ଯ୍ୟନ୍ତ ୨ମାସ ଧରି ବନ୍ଦ ରହିଛି। ବସ୍ ଚଳାଚଳରେ ଅନିଶ୍ଚିତତା ଲାଗି ରହିଛି। ଦିଲ୍ଲୀ ଓ କେରଳ ରାଜ୍ୟ ସରକାର ଘରୋଇ




ପରିବହନ କ୍ଷେତ୍ରରେ କର୍ମଚାରୀମାନଙ୍କୁ ଲକ୍ଡାଉନଜନିତ କ୍ଷତିପୂରଣ ପ୍ରଦାନ କରିଥିବାବେଳେ କେନ୍ଦ୍ର ସରକାରଙ୍କ ସମେତ ଓଡ଼ିଶା ସରକାର ଏ କ୍ଷେତ୍ରରେ କୌଣସି ସହାୟତା ଘୋଷଣା ନକରିବା ଦୁର୍ଭାଗ୍ୟଜନକ ବୋଲି କଟକ ମୋଟର କର୍ମଚାରୀ ୟୁନିୟନ୍ ପକ୍ଷରୁ କୁହାଯାଇଛି। ଗତ ଏପ୍ରିଲ ୨୭ ତାରିଖରୁ ଜିଲ୍ଲାପାଳଙ୍କ ଜରିଆରେ କ୍ଷତିଗ୍ରସ୍ତ ଡ୍ରାଇଭର, କଣ୍ଡକ୍ଟର୍ ଓ ହେଲ୍ପରମାନଙ୍କ ତାଲିକା ଦାଖଲ କରାଯିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଗଣ୍ଡେ ଖାଦ୍ୟ ଯୋଗାଇଦେବାକୁ ନା ରାଜ୍ୟ ସରକାର ନା ଜିଲ୍ଲା ପ୍ରଶାସନ କେହି ବି ଧ୍ୟାନ ଦେଇନଥିବା ଅଭିଯୋଗ କରିଛନ୍ତି। ଏହି ଅବସରରେ ବିକ୍ଷୋଭକାରୀମାନେ ପ୍ଲା କାର୍ଡ, ବ୍ୟାନର ଧରି ମୁହଁରେ ମାସ୍କ ପରିଧାନ ପୂର୍ବକ ସାମାଜିକ ଦୂରତା ବଜାୟ ରଖି ରାସ୍ତାରେ ଠିଆ ହୋଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମସ୍ତ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍ପରମାନଙ୍କୁ ୬ମାସ ପାଇଁ ମାସିକ ୧୨ହଜାର ଟଙ୍କା, ପ୍ରତି ପରିବାରର ମୁଣ୍ଡପିଛା ୧୦କିଲୋଗ୍ରାମ ଖାଦ୍ୟ ଶସ୍ୟ, ବାଧ୍ୟତାମୂଳକ ବୀମା ସୁରକ୍ଷା ଏବଂ କ୍ଷତିଗ୍ରସ୍ତ ବସ୍ ମାଲିକମାନଙ୍କ ପାଇଁ ୬ମାସ ପର୍ଯ୍ୟନ୍ତ ଟିକସ ଓ ବୀମା ପ୍ରିମିୟମ୍ ଛାଡ଼ କରିବା ପାଇଁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା, ଉପସଭାପତି ବଦ୍ରିନାରାୟଣ ଦାସ, ସହ ସମ୍ପାଦକ ହୀରାଲାଲ ପଣ୍ଡା, ସିଆଇଟିୟୁ କଟକ ଜିଲ୍ଲା ସଭାପତି ରବିନାରାୟଣ ମଲ୍ଲିକ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ଗଗନ ପରିଡ଼ା, ଗିରୀଶ ଖୁଲାର, ବାଦଲ ସାହୁ, ହିମାଂଶୁ ଭୂଷଣ ଦଲାଇ, ଅରୁଣ ଦାସ, ଜଟାଧାରୀ ସାହୁ, ରଘୁନାଥ ବାରିକ, ବିଭୂତି ଭୂଷଣ ରାଉତ, ପ୍ରଫୁଲ୍ଲ କୁମାର ଦାସ, ପ୍ରେମାନନ୍ଦ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

ନିତିଦିନ NITIDIN
Sat, May 23, 2020
http://odishanewsnitidin.com